# Akashvani, Sambalpur

## SAMBALPURI NEWS EVENING BULLETIN

## 11 December 2025- 7.02 pm- 7.12 pm.

*********************************************

୧- ରାଜ୍ୟସ୍ତରୀୟ ନିଯୁକ୍ତି ମେଳାଥି ନୂଆଁକରି ନିଯୁକ୍ତି ପାଇଥିବା ୫ ଶହ ୯୧ ଝନ୍‌କୁ ନିଯୁକ୍ତି ପତ୍ର ବାଂଟ୍‌ଲେ ମୁଖ୍ୟମନ୍ତ୍ରୀ ।

- ୨ ହଜାର୍ ୪ ଶହ ୮୮ କୋଟି ଟଙ୍କାର୍ ଜଲ୍‌ସେଚନ୍ ପ୍ରକଳ୍ପର୍ କଲେ ଶୁଭାରମ୍ଭ ।

୨- ହୀରାକୁଦ୍ ଆଉ ସାତକୋଶିଆର ବିକାଶ୍ ଲାଗି କେନ୍ଦ୍ର ସର୍‌କାର୍ ଶହେ ୯୯ କୋଟିନୁ ଅଏତ୍‌କା ଟଙ୍କା ମଞ୍ଜୁର୍ କରିଛନ୍- କହେଲେ କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ ।

୩- ମହାନଦୀ ଜଲ୍‌ବିବାଦ୍‌କେ ନେଇକରି ତଥ୍ୟ ତୟାର୍ ରଖିବାର୍ ଲାଗି ଜଲ୍‌ସମ୍ପଦ୍ ବିଭାଗ୍‌କେ ନିର୍ଦ୍ଦେଶ୍ ଦେଲା ଉଚ୍ଚସ୍ତରୀୟ କମିଟି ।

ଆଉର୍

୪- ପାଏନ୍, ଖାଦ୍ୟ, ଜୈବ ବିବିଧତା ଆଉ ଜୀବନ୍ ଜୀବିକାର୍ ସୁରକ୍ଷା ଲାଗି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ପର୍ବତ୍ ଦିବସ୍ ।

ମୁଖ୍ୟମନ୍ତ୍ରୀ- ନିଯୁକ୍ତି ମେଳା I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ କୃଷି ବୈଷୟିକ ବିଶ୍ୱବିଦ୍ୟାଲୟ ହେଇଥିବା ୧୩ ନମ୍ବର୍ ନିଯୁକ୍ତି ମେଳାଥି

୩ ଟା ବିଭାଗ୍‌ଥି ନୂଆଁକରି ଚାକିରୀ ପାଇଥିବା ୫ ଶହ ୯୧ ଝନ୍‌କୁ ନିଯୁକ୍ତି ପତ୍ର ବାଂଟିଛନ୍ । ଇଥି ଜଲ୍‌ସମ୍ପଦ୍ ବିଭାଗ୍‌ର ୨ ଶହ ୩୨ ଝନ୍, ପୂର୍ତ ବିଭାଗ୍‌ର ଶହେ ୯୭ ଝନ୍, ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ଶହେ ୪୨ ଝନ୍ ନିଯୁକ୍ତି ପତ୍ର ପାଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଗଲା ୧୮ ମାସେ ସର୍‌କାର୍ ୩୭ ହଜାର୍ ୯ ଶହ ୧୬ ଝନ୍‌କୁ ସର୍‌କାରୀ ନିଯୁକ୍ତି ଦେଇଛନ୍ । ଆଏବା ୫ ବଛର୍ ଭିତ୍‌ରେ ଖାଲିଥିବା ଦେଢ଼୍‌ଲାଖ୍ ପଦ୍‌ବୀ ପୂରଣ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ଶ୍ରୀ ମାଝୀ 'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜ୍‌ନା'ର୍ ୩ ନମ୍ବର୍ ଖେପ୍‌ର ଲୋକାର୍ପଣ୍ କରିଛନ୍ । ଯୋଜ୍‌ନାଥି ଆଏବା ୫ ବଛ୍‌ରେ ୩ ହଜାର୍ ନୂଆଁ ଚେକ୍‌ଡେମ୍ ତିଆର୍ ଆଉ ୨ ହଜାର୍ ପୁର୍‌ନା ଚେକ୍‌ଡେମ୍‌ର ମରାମତି କରାଯିବା । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ୨ ହଜାର୍ ୪ ଶହ ୮୮ କୋଟି ଟଙ୍କାର୍ ଜଲ୍‌ସେଚନ୍ ପ୍ରକଳ୍ପର୍ ଶୁଭାରମ୍ଭ କରିଥିବାର୍ ବେଲେ ୪ ଶହ ୨୫ କୋଟି ଟଙ୍କାର୍

ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ୨ ହଜାର୍ ୬୩ କୋଟି ଟଙ୍କାର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ ।

ନାଗରିକତା ପ୍ରମାଣ୍‌ପତ୍ର ବଂଟନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ଆଏଜ୍ ନାଗରିକତା ସଂଶୋଧନ୍ ଆଇନ୍-୨୦୧୯ ଆଧାର୍‌ଥି ନାଗରିକତା ପ୍ରମାଣ୍‌ପତ୍ର ବଂଟନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଉ ଜନଗଣନା ନିର୍ଦ୍ଦେଶାଳୟ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଭିନ୍ ଭିନ୍ ଦେଶର୍ ୩୫ ଝନ୍ ଆବେଦନ୍‌କାରୀଙ୍କୁ ନାଗରିକତା ପ୍ରମାଣ୍‌ପତ୍ର ହସ୍ତାନ୍ତର୍ କରିଛନ୍ । ଇ ଅବ୍‌ସରେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ଜନଗଣନା ନିର୍ଦ୍ଦେଶକ ନିଖିଲ୍ ପୱନ୍ କଲ୍ୟାଣ୍ ଉପସ୍ଥିତ୍ ଥିଲେ ।

ରାଜ୍ୟପାଲ୍- ଆଇଆଇଟି ଭୁବ୍‌ନେଶ୍ୱର୍ I&PR

ଜୀବନ୍‌ର ଉନ୍ନତି ଲାଗି ପ୍ରଯୁକ୍ତିବିଦ୍ୟାର୍ ଶକ୍ତି ବହୁତ୍ ଜରୁରୀ ଆଏ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଆଇଆଇଟି ଭୁବ୍‌ନେଶ୍ୱର୍ ନ ହେଇଥିବା ବିଜ୍ଞାନ୍ ଭିତିକ୍

କାର୍ଯ୍ୟକ୍ରମ୍ ଇନ୍‌ଗାର୍ସ -୨୦୨୫ କେ ଉଦ୍‌ଘାଟନ୍ କରିକରି ରାଜ୍ୟପାଲ୍ କହିଛନ୍, ପ୍ରଯୁକ୍ତି ବିଦ୍ୟା ସବୁବେଳେ ମାନବ୍ କଲ୍ୟାଣ୍‌ରେ ମୂଲ୍‌ଥି ରହେବାର୍ ଉଚିତ୍ । ବନ୍ୟା ପ୍ରଭାବିତ୍ ଗାଁ ମାନ୍‌କର୍ ସୁରକ୍ଷା, ଫସଲ୍ ସୁରକ୍ଷା, ମତ୍ସ୍ୟଜୀବୀମାନ୍‌କର୍ ସୁରକ୍ଷା ସୁନିଶ୍ଚିତ୍ କର୍‌ବାର୍ ସହେତେ ସହର୍‌ମାନ୍‌କେ ସଫା ପବନ୍ ଯୁଗେଇ ଦେବାର୍ ବାଗିର୍ ପଦକ୍ଷେପ୍ ଜରିଏ ପ୍ରଯୁକ୍ତି ବିଦ୍ୟା ମାନବ୍ ଜୀବନ୍‌କେ ଆହୁରି ସହଜ୍ କରିପାର୍‌ବା ବଲି ରାଜ୍ୟପାଲ୍ କହିଛନ୍ ।

ହୀରାକୁଦ୍, ସାତକୋଶିଆ-କେନ୍ଦ୍ର ସାହାଜ୍ ପି.ଆଇ.ବି.

ହୀରାକୁଦ୍ ଆଉ ସାତକୋଶିଆ ନ ପର୍ଯ୍ୟଟନ୍‌ର ବିକାଶ୍ ଲାଗି କେନ୍ଦ୍ର ସର୍‌କାର୍ ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ଶହେ ୯୯ କୋଟିନୁ ଅଏତ୍‌କା ଟଙ୍କା ମଞ୍ଜୁର୍ କରିଛନ୍ । ସେଥିର୍ ଭିତ୍‌ରୁ ଏବ୍‌ତକ୍ ଶହେ ୩୧ କୋଟି ୯୨ ଲାଖ୍ ଟଙ୍କା ଯୁଗେଇ ଦିଆଯାଇଛେ ବଲି କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ରାଜ୍ୟସଭା ନ ଆଏଜ୍ ସୂଚନା ଦେଇଛନ୍ । ମନ୍ତ୍ରଣାଲୟ ତର୍‌ଫୁ ହୀରାକୁଦ୍ ଲାଗି ୯୯ କୋଟି ୯୦ ଲାଖ୍ ଆଉ ସାତକୋଶିଆ ଲାଗି ୯୯ କୋଟି ୯୯ ଲାଖ୍ ମଞ୍ଜୁର୍ କରାଯାଇଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଶେଖାୱତ୍ କହିଛନ୍ ।

ମହାନଦୀ ଜଲ୍‌ବିବାଦ୍- ସୁରେଶ୍ ପୂଜାରୀ ହି.ସ.

ମହାନଦୀ ଜଲ୍ ବିବାଦ୍‌କେ ନେଇକରି ଗଠିତ୍ ହେଇଥିବା ଉଚ୍ଚସ୍ତରୀୟ କମିଟିର୍ ବୈଠକ୍ ଖୋବ୍ ଜଲ୍‌ଦି ବସ୍‌ବା । ଇଥିର୍‌ଲାଗି ସବୁ ତଥ୍ୟ ତୟାର୍ ରଖିବାର୍‌କେ ଜଲ୍‌ସମ୍ପଦ୍ ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ଆଉ କମିଟିର୍ ସଦସ୍ୟ ସୁରେଶ୍ ପୂଜାରୀ କହିଛନ୍ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ଜଲ୍‌ସମ୍ପଦ୍ ବିଭାଗ୍‌ର ସଚିବଙ୍କର୍ ସଙ୍ଗେ କମିଟିର୍ ଅଧ୍ୟକ୍ଷ ଆଉ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କଥା ହେଇଛନ୍ । ଖୋବ୍ ଜଲ୍‌ଦି ଜଲ୍‌ସମ୍ପଦ୍ ବିଭାଗ୍ ସବୁ ବୈଷୟିକ୍ ଦିଗ୍ ଉପ୍‌ରେ ରିପୋର୍ଟ ଦେବା । କେନ୍ଦ୍ର ସର୍‌କାର୍ ଆଉ ଛତିଶ୍‌ଗଡ୍ ସର୍‌କାର୍‌ଙ୍କର୍ ସଙ୍ଗେ ଆପୋଷ୍ ଆଲୋଚନା ସଙ୍ଗେ ମହାନଦୀ ଜଲ୍‌ବିବାଦ୍ ସମାଧାନ୍ କର୍‌ବାର୍ ଦିଗେ ଇ କମିଟି କାମ୍ କର୍‌ବା ବଲି ଶ୍ରୀ ପୂଜାରୀ କହିଛନ୍ ।

ରାଜସ୍ୱ ମନ୍ତ୍ରୀ- ସର୍‌କାରୀ ଜମି ଏକ୍ସ

ପ୍ରଭାବଶାଲୀ ଜବର୍‌ଦଖଲ୍‌କାରୀମାନେ ମାଡ଼ି ବସିଥିବା ସର୍‌କାରୀ ଜମିନ୍‌କେ ଜଲ୍‌ଦି ଛାଡ଼ୁନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ରାଏଜର୍

ଜବର୍‌ଦଖଲ୍‌କାରୀମାନ୍‌କର୍ ଇହାଦେ ତାଲିକା ତିଆର୍ କର୍‌ବାର୍‌କେ ତହସିଲ୍‌ଦାର୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ସମିଆ ଥାଉନ୍ ଥାଉନ୍ ଜମି ନାଇଁ ଫିରାଲେ ଉଚ୍ଛେଦ୍ ଖର୍ଚ୍ଚା ଭିଲ୍ ଜବର୍‌ଦଖଲ୍‌କାରୀଙ୍କର୍ ନୁ ଆଦାୟ କରାଯିବା । ଯଦି କେନ୍ ଗରିବ୍ କି ବାସହରା ଲୋକ୍ ଜବର୍‌ଦଖଲ୍ କରିଥିବେ ତାଙ୍କୁ ସର୍‌କାରୀ ହିସାବେ ୪ ଡିସ୍‌ମିଲ୍ ଜାଗା ଭିଲ୍ ଯୁଗେଇ ଦିଆଯିବା ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ -ସମୀକ୍ଷା I&PR

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମିଶନ୍ ଶକ୍ତି ବିଭାଗ୍‌ର କ୍ଷେତ୍ର ଅଧିକାରୀ- ଜିଲ୍ଲା ପ୍ରକଳ୍ପ ପରିଚାଲକ ଆଉ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କର୍ କାମ୍‌କାଜ୍‌ର ଗୁଟେ ସମୀକ୍ଷା ବୈଠକ୍ ଆଭାସୀ ଜରିଏ ହେଇଯାଇଛେ । ବୈଠକ୍‌ଥି କ୍ଷେତ୍ରସ୍ତରୀୟ ଆର୍ଥିକ୍ କାର୍ଯ୍ୟକଳାପ ବେଙ୍କ୍ ବାବଦ୍ ଭିନ୍ ଭିନ୍ ବିଷେଥି ଆଲୋଚନା କରାଯାଇଥିଲା । ସ୍ୱୟଂ ସହାୟକ ଗୋଷ୍ଠୀ ମାନ୍‌କୁ ମିଲୁଥିବା ଭିନ୍ ଭିନ୍ ବିଭାଗ୍‌ର କାମ୍ ବାବ୍‌ଦେ ଭିଲ୍ ଆଲୋଚନା କରାଯାଇଥିଲା । ୨୦୨୫-୨୬ ଆର୍ଥିକ୍ ବଛ୍‌ରେ ଏବ୍‌ତକ୍ ୧ ଲାଖ୍ ୬୭ ହଜାର୍ ଟା ସ୍ୱୟଂ ସହାୟକ ଗୋଷ୍ଠୀକେ ବେଙ୍କ୍ ଜରିଏ ୧୦ ଲାଖ୍ ଶହେ ୮୪ କୋଟି ଟଙ୍କା ଦିଆଯାଇଛେ । ଗଲାବଛର୍ ଠାନୁ ବେଙ୍କ୍ ଋଣ

ଫିରାବାର୍‌ଟା ଭିଲ୍ ବହୁତ୍ ହେଇଛେ ବଲି ବୈଠକ୍ ନ ସୂଚ୍‌ନା ଦିଆଯାଇଛେ ।

ବିଶ୍ୱ ପର୍ବତ୍ ଦିବସ୍,ୟୁନିସେଫ୍ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ଅନ୍ତର୍ଜାତୀୟ ପର୍ବତ ଦିବସ୍ । ପାଏନ୍, ଖାଦ୍ୟ, ଜୈବ ବିବିଧତା ଆଉ ଜୀବନ୍ ଜୀବିକାର୍ ସୁରକ୍ଷା ଦିଗେ ପର୍ବତ୍‌ର ଭୂମିକା ଆଉ ଜଲ୍‌ବାୟୁ ପରିବର୍ତନ୍ ବିପଦ୍ ବାବ୍‌ଦେ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଫି’ ବଛର୍ ଡିସେମ୍ବର୍ ୧୧ ତାରିଖ୍ ଦିନ ମିଳିତ ଜାତିସଂଘର ଖାଦ୍ୟ ଆଉ କୃଷି ସଂଗଠନ୍ - ଏଫ୍.ଏ.ଓ. ତର୍‌ଫୁ ଅନ୍ତର୍ଜାତୀୟ ପର୍ବତ ଦିବସ୍ ପାଲନ୍ କରାଯାଏସି । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ ‘ପାହାଡ୍ ଆଉ ତାର୍ ବାହାରେ ପାଏନ୍, ଖାଦ୍ୟ ଆଉ ଜୀବିକା ଲାଗି ହିମବାହ ଗୁରୁତ୍ୱପୂର୍ଣ୍ଣ’ । ଜଲ୍‌ବାୟୁ ସୁରକ୍ଷା ଦିଗେ ପର୍ବତ୍‌ର ସୁରକ୍ଷା ବହୁତ୍ ଜରୁରୀ ଆଏ ବଲି ଇ ଅବ୍‌ସରେ ସମ୍ବଲ୍‌ପୁର୍‌ର ବିଶିଷ୍ଟ ପର୍ବତାରୋହୀ ଆଉ ସହକାରୀ ପ୍ରାଣୀ ଚିକିତ୍ସକ ଡାକ୍ତର୍ ସାଗରିକା ମିଶ୍ର କହିଛନ୍...

(ଭଏସ୍ ଓଭର୍- ସାଗରିକା ମିଶ୍ର)

ସେନ୍ତା ଆଏଜ୍ ହେଉଛେ ୟୁନିସେଫ୍‌ର ଥାପ୍‌ନା ଦିବସ୍ । ଛୁଆମାନ୍‌କର୍ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ସଚେତନ୍

କର୍‌ବାର୍ ସହେତେ ସେମାନ୍‌କର୍ ଅଧିକାର୍ ଆଉ ସମର୍ଥନ୍ ଲାଗି ୧୯୫୩ ମସିହାଥି ଆଝିରର୍ ଦିନେ ୟୁନିସେଫ୍ ଥାପ୍‌ନା ହେଇଥିଲା ।

ଇଣ୍ଡିଗୋ ଏୟାର୍ ଲାଇନ୍ସ        ଏନ୍‌ଏସ୍‌ଡି

ଇ ମାସର୍ ୩, ୪ ଆଉ ୫ ତାରିଖ୍ ଦିନ ଇଣ୍ଡିଗୋ ଏୟାର୍ ଲାଇନ୍ସର ସମସ୍ୟା ଲାଗି  ଯାତ୍ରା କର୍‌ବାର୍‌ନୁ ପ୍ରଭାବିତ୍ ହେଇଥିବା ଗ୍ରାହକ୍‌ମାନ୍‌କୁ ଇଣ୍ଡିଗୋ ତର୍‌ଫୁ ୧୦ ହଜାର୍ ଟଙ୍କା ଲେଖା କ୍ଷତିପୂରଣ୍ ଘୋଷ୍‌ନା କରାଯାଇଛେ । ଇ ଭର୍‌ନା ଟଙ୍କା ଭାଉଚର୍ ଆକାରେ ଗ୍ରାହକ୍‌ମାନ୍‌କୁ ଦିଆଯିବା । ଯେନ୍‌ଟାକି ଆଏବା ୧୨ ମାସ୍ ଭିତ୍‌ରେ ଯାତ୍ରୀମାନେ କେନ୍‌ସି ଭିଲ୍ ଇଣ୍ଡିଗୋ ବିମାନ୍‌ଥି ଯାତ୍ରା ବେଲ୍‌କେ ବେଭାର୍ କରିପାର୍‌ବେ । ଇତାର୍‌ବାଦ୍ ଯେନ୍ ଯାତ୍ରୀମାନ୍‌କର୍ ବିମାନ୍ ଯାତ୍ରା ୨୪ ଘଂଟା ଭିତ୍‌ରେ ବାତିଲ୍ କରାଯାଇଥିଲା ସେମାନ୍‌କୁ ୫ ନୁ ୧୦ ହଜାର୍ ଟଙ୍କାତକ୍ ଭିଲ୍ ଭର୍‌ନା ଦିଆଯିବା ବଲି ଇଣ୍ଡିଗୋ ଏୟାର୍ ଲାଇନ୍ସ ତର୍‌ଫୁ କୁହାଯାଇଛେ ।

ମହିଳା ହିଂସା ନିରୋଧୀ ସଚେତନତା ଅଭିଯାନ/ସମ୍ବଲପୁର/ନୂଆପଡ଼ା ସମ୍ବଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ସମାଜ୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଚାଲିଥିବା ୧୬ ଦିନିଆ ମହିଳା ହିଂସା ନିରୋଧୀ ସଚେତନତା ଅଭିଯାନ୍ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ସମାଜ୍ ମଙ୍ଗଲ୍ ଅଧିକାରୀ ସଂଯୁକ୍ତା ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମହିଳା ଆଉ ଛୁଆମାନ୍‌କର୍ ଉପ୍‌ରେ ହେଉଥିବା ହିଂସା ବାବ୍‌ଦେ ବୁଝେଇଥିଲେ ।

ସେନ୍ତା ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିସ୍ଛାଲୟ ନ ଭିଲ୍ ଲିଙ୍ଗଭିତିକ ହିଂସା ନିରାକରଣ୍ ସଚେତନତା କର୍ମଶାଳା ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ବୌଦ୍ଧ- ଧନୁଯାତ୍ରା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଭୈରବୀ ପଡ଼ିଆ ନ ଧନୁଯାତ୍ରା ମହୋତ୍ସବ୍ ଗଲାକାଏଲ୍ ମୁଲ୍ ହେଇଛେ । ଧନୁଯାତ୍ରା ମୁଲ୍ ହେବାର୍ ଆଘୋନୁ ମହାନଦୀ ନୁ ଗୁଟେ କଲସ୍ ଶୋଭାଯାତ୍ରା ନଗର୍ ପରିକ୍ରମା କରିକରି ମନ୍ଦିର୍‌କେ ଆସିଥିଲା । ତାର୍ ଉତ୍‌ରୁ ମହୋତ୍ସବ୍ ମୁଲ୍ ହେଇଥିଲା । ଇ ଅବ୍‌ସରେ ବୌଦ୍ଧ ସହର୍ ମଥୁରା ନଗରୀ ହେଇଛେ ।

ରାଜସ୍ୱ ସମୀକ୍ଷା ବୈଠକ୍        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି  ହେଇଥିବା ବୈଠକ୍‌ଥି ଜିଲ୍ଲା ନ ନଭେମ୍ବର୍ ମାସେ ଧାରିଜ୍ ଭିନ୍ ଭିନ୍ ଟିକସ୍ ଆଦାୟ ବାବ୍‌ଦେ ଆଲୋଚନା କରାଯାଇଥିଲା ।

୩ ମାସିଆ ବେଙ୍କର୍ସ ବୈଠକ୍        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାସ୍ତରୀୟ ୩ ମାସିଆ ବେଙ୍କର୍ସ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ବେଙ୍କ୍‌ନୁ ଲୁକେ କେନ୍ତାକରି ସୁବିଧାଥି ଋଣ ନେଇପାର୍‌ବେ ସେ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଅଧିକାରୀଙ୍କ ଆଶ୍ରୟସ୍ଥଳ୍ ପରିଦର୍ଶନ୍       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଠାନେ ଥିବା ନବପ୍ରବାହ ମୁକ୍ତ ଆଶ୍ରୟସ୍ଥଳୀ ଆଉ ଉତ୍କଳ ବାଳାଶ୍ରମ୍‌କେ ଆଏଜ୍ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ସଚିବ ନବନୀତା ଦାସ ଆଉ

ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡକ୍ଟର୍ ଫଣୀନ୍ଦମ୍ ଦେଓ ପରିଦର୍ଶନ୍ କରିଛନ୍ । ଇ ଅବ୍‌ସରେ ସେମାନେ ଅନ୍ତେବାସୀମାନ୍‌କର୍ ସାଙ୍ଗେ କଥାବାର୍ତା ହେଇକରି ସୁବିଧା ଅସୁବିଧା ବୁଝିଛନ୍ ।

ବିସ୍ଫୋରକ ଲୁଟ୍ ମାମ୍‌ଲା-ଏନ୍‌ଆଇଏ     ଆର୍‌ଏନ୍‌ୟୁ/ କଟକ୍

ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ ଗୁଟେ ପଥର୍ ଖାଦାନ୍‌ନୁ ବିସ୍ଫୋରକ ପରିବହନ୍ ବେଲ୍‌କେ ହେଇଥିବା ପାଖାପାଖି ୪ ହଜାର୍ କେଜି ବିସ୍ଫୋରକ ଲୁଟ୍ ମାମ୍‌ଲାଥି ଆଏଜ୍ ରାଷ୍ଟ୍ରୀୟ ତଦନ୍ତ୍ ସଂସ୍ଥା- ଏନ୍‌ଆଇଏ ୧୧ ଝନ୍ ଅଭିଯୁକ୍ତଙ୍କର୍ ବିରୋଧିଥି ଅଭିଯୋଗ୍ ପତ୍ର ଦାଖଲ୍ କରିଛେ । ଅଭିଯୁକ୍ତମାନେ ପାଖାପାଖି ୨ ଶହ ବିସ୍ଫୋରକ ପେକେଟ୍ ଲୁଟ୍ ଯୋଜ୍‌ନା କରିକରି ତାକେ କାର୍ଯ୍ୟକାରୀ କର୍‌ବାର୍‌ଥି ସାମିଲ୍ ଥିଲେ ବଲି ଏନ୍‌ଆଇଏ ତର୍‌ଫୁ କୁହାଯାଇଛେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼୍‌ଭାଗି ଜାଗା ନ ଜବର୍ ଥଣ୍ଡା ଲାଗି ରହିଛେ । ଆଏବା ୭ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍, କଲାହାଣ୍ଡି, ଝାରସୁଗୁଡ଼ା

ସହେତେ ୯ ଟା ଜିଲ୍ଲା ନ ଜବର୍ ଥଣ୍ଡା ହେବା । ସୁନ୍ଦର୍‌ଗଡ୍ ଆଉ କୋରାପୁଟ୍ ଜିଲ୍ଲା ନ ବହଲିଆ କୁହୁଡ଼ି ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।